## ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଅନୁଗୁଳ ଶିକ୍ଷାକେନ୍ଦ୍ରରେ ପ୍ରବେଶ ଉତ୍ସବ

# ‘ଓଏସ୍‌ଓୟୁ ଦେଉଛି ଘର ପାଖରେ ଗୁଣାତ୍ମକ ଶିକ୍ଷା’






ଅନୁଗୁଳ,୨୦।୮(ବ୍ୟୁରୋ): ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ)କୁ ମାତ୍ର ୩ ବର୍ଷ ଚାଲିଛି । ଏବେ ଶିକ୍ଷା ଦାନ କ୍ଷେତ୍ରରେ ଶିଶୁ । ହେଲେ ୩ ବର୍ଷରେ ଅନେକ ସଫଳତା ହାସଲ କରିଛି । ଚଳିତ ବର୍ଷ ପୂର୍ବ ବର୍ଷ ଅପେକ୍ଷା ଦୁଇ ଗୁଣା ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି । ଅଳ୍ପ ମୂଲ୍ୟରେ ଛାତ୍ରଛାତ୍ରୀଙ୍କୁ ନିଜ ଘର ପାଖରେ ଗୁଣାତ୍ମକ ଶିକ୍ଷା ଦିଆଯାଉଛି । ଯୁବ ସମାଜ ଏବେ ସ୍ମାର୍ଟ ମୋବାଇଲର ବହୁଳ ବ୍ୟବହାର କରୁଥିବାରୁ ତାଙ୍କୁ ଲକ୍ଷ୍ୟ ରଖି ଶିକ୍ଷାଦାନ କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାକୁ ବିଶେଷ ଉପଯୋଗ କରାଯାଉଛି ବୋଲି ରାଜ୍ୟ ମୁକ୍ତ ବିଦ୍ୟାଳୟର କୁଳପତି ଡ. ଶ୍ରୀକାନ୍ତ ମହାପାତ୍ର ପ୍ରକାଶ କରିଛନ୍ତି । ଅନୁଗୁଳ ଶିକ୍ଷା କେନ୍ଦ୍ରରେ ପ୍ରବେଶ ଉତ୍ସବରେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଓଏସ୍‌ଓୟୁର ପାଠ୍ୟଖସଡ଼ା ଉପରେ ବିଶଦ ଭାବେ ବୁଝାଇଥିଲେ । ସେ କହିଥିଲେ, ୧୮ରୁ ୮୦ ବୟସର ଲୋକମାନେ ମାନେ ବିଭିନ୍ନ ପାଠକ୍ରମରେ ନାମ ଲେଖାଉଛନ୍ତି । ଜ୍ଞାନ ଆହରଣ ଲାଗି କୌଣସି ବୟସ ସୀମା ନାହିଁ । ସେହିପରି ଶିକ୍ଷା ଗ୍ରହଣ ଲାଗି ଓଏସ୍‌ଓୟୁରେ ଭାଷାର ପ୍ରତିବନ୍ଧକ ନାହିଁ । ଛାତ୍ରଛାତ୍ରୀ ଯେ କୌଣସି ଭାଷାରେ ଶିକ୍ଷାଗ୍ରହଣ କରିବାକୁ ଚାହିଁବେ ତାଙ୍କୁ ପାଠ୍ୟପୁସ୍ତକ ସହ ପରୀକ୍ଷା ଦେବାର ବନ୍ଦୋବସ୍ତ କରାଯାଇଛି ବୋଲି କୁଳପତି ଶ୍ରୀ ମହାପାତ୍ର କହିଥିଲେ । ଅନୁଗୁଳ କଲେଜରେ ଓଏସ୍‌ଓୟୁର ଆଞ୍ଚଳିକ ଶିକ୍ଷାକେନ୍ଦ୍ର ଖୋଲିବା ଲାଗି କଲେଜ ଅଧ୍ୟକ୍ଷ ଶାନ୍ତନୁ ସରଙ୍କ ପ୍ରସ୍ତାବ ଦେଇଥିଲେ । ଏହାର ଉତ୍ତରରେ କୁଳପତି କହିଥିଲେ, ଅନୁଗୁଳ ରାଜ୍ୟର କେନ୍ଦ୍ରସ୍ଥଳୀ ହୋଇଥିବାରୁ ଓଏସ୍‌ଓୟୁର ସ୍ଥାପନ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ । ସରକାର ସମ୍ବଲପୁରରେ ସ୍ଥାପନା କରିଥିଲେ ହେଁ ଖୁବ ଶୀଘ୍ର ଏକ ଆଞ୍ଚଳିକ କେନ୍ଦ୍ର ଖୋଲିବାକୁ ପ୍ରତିଶ୍ରୁତି ଦେଇଥିଲେ ।

କଲେଜ ଅଧ୍ୟକ୍ଷ ଶ୍ରୀ ସର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ, ନିଜର ଦକ୍ଷତା ଓ ଜ୍ଞାନର ବୃଦ୍ଧି କରିବାକୁ ଓଏସ୍‌ଓୟୁ ଏକ ଭଲ ସୁଯୋଗ ଦେଉଛି । ବହୁ ଛାତ୍ରଛାତ୍ରୀ ଉତ୍ସାହ, ଉଦ୍ଦୀପନା ସହ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଛନ୍ତି । ସମସ୍ତେ ଉପଯୁକ୍ତ ଶିକ୍ଷା ଲାଭ କରି ନିଜକୁ ନିଯୁକ୍ତିକ୍ଷମ କରିବାକୁ ସେ ଆହ୍ୱାନ ଦେଇଥିଲେ । ଶିକ୍ଷା କେନ୍ଦ୍ରର ସଂଯୋଜକ ଅଧ୍ୟାପକ ବସନ୍ତ କୁମାର ସାହୁ ଅଧ୍ୟକ୍ଷତା କରି ଶିକ୍ଷାକେନ୍ଦ୍ର ସବୁ ସମୟରେ ଛାତ୍ରଛାତ୍ରୀଙ୍କୁ ସହଯୋଗ କରିଆସୁଛି । ବହୁ ଛାତ୍ରଛାତ୍ରୀ ବିଶ୍ୱବିଦ୍ୟାଳୟରେ ପଢ଼ିବାକୁ ଆଗ୍ରହ ରଖୁଥିବାରୁ ଆଗାମୀ ବର୍ଷ ଶିକ୍ଷାକେନ୍ଦ୍ରରେ ୫ ଶହରୁ ଊର୍ଦ୍ଧ୍ୱ ଶିକ୍ଷାର୍ଥୀ ହେବେ ବୋଲି ଆଶାବ୍ୟକ୍ତ କରିଥିଲେ । ଉତ୍ସବରେ ସମ୍ମାନିତ ଅତିଥି ଭାବେ ପ୍ରଫେସର ଚିନ୍ମୟ କୁମାର ପ୍ରଧାନ ଯୋଗ ଦେଇ କହିଥିଲେ, ଶିକ୍ଷା ଅନ୍ଧକାର ଓ ସମସ୍ତ ରହସ୍ୟ ଉପରୁ ପରଦା ହଟାଇଥାଏ । ମଣିଷକୁ ବୁଦ୍ଧିଦୀପ୍ତ କରିବା ସହ ନିଜର ପ୍ରତିଭାକୁ ଉନ୍ମୋଚନ କରିବାରେ ସହାୟକ ହୋଇଥାଏ ବୋଲି ପ୍ରକାଶ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଇଗ୍ନୋ ଅନୁଗୁଳ ଶିକ୍ଷା କେନ୍ଦ୍ରର ସଂଯୋଜକ ପ୍ରଫେସର ଚିତ୍ତରଞ୍ଜନ ଦ୍ୱିବେଦୀ ଦୂର ନିରନ୍ତର ଶିକ୍ଷାର ପ୍ରଣାଳୀ ଓ ପାଠ୍ୟଖସଡ଼ା ଉପରେ ଆଲୋକପାତ କରିଥିଲେ । କଲେଜ ଅଧ୍ୟକ୍ଷ ଶ୍ରୀ ସରଙ୍କର ଅଧ୍ୟାପନା କାର୍ଯ୍ୟକାଳ ଚଳିତ ମାସରେ ଶେଷ ହେବାକୁ ଯାଉଛି । ଏହି ଅବସରରେ ବିଶ୍ୱବିଦ୍ୟାଳୟ ପ୍ରତି ତାଙ୍କ ଅବଦାନ ଯୋଗୁଁ କୁଳପତି ଶ୍ରୀ ମହାପାତ୍ର ସମ୍ବର୍ଦ୍ଧିତ କରିଥିଲେ । ଏହା
ବିଶ୍ୱବିଦ୍ୟାଳୟର ପୂର୍ବତନ ସାମ୍ବା
ବିଭାଗର ବିଦ୍ୟାର୍ଥୀ ବବିତା ମିଶ୍ର ଓ ଆଜୀ
ବିଭାଗର କାଉନ୍‌ସିଲର ପ୍ରଶାନ୍ତ କୁମାର
ଓଡ଼ିଶା ପ୍ରଶାସନିକ ସେବାରେ କୃତାର୍ଥ ହା
କରିଥିବାରୁ ଉଭୟଙ୍କ ସମ୍ବ
କରାଯାଇଥିଲା ।

ଚଳିତ ବର୍ଷ ଅନୁଗୁଳ ଶିକ୍ଷା କେନ୍ଦ୍ରରେ
ଜଣ ଛାତ୍ରଛାତ୍ରୀ ନାମ ଲେଖାଇଛ
ସାମ୍ବାଦିକତା, ଗ୍ରାମାଞ୍ଚଳର ବିକ
ଆକାଉଣ୍ଟିଂ, ସାଇବର ସୁରକ୍ଷା, କମ୍ପ୍ୟୁ
ଆପ୍ଲିକେସନ, ବିପର୍ଯ୍ୟୟ ପରିଚାଳନା,
ଟ୍ରାନ୍ସଲେସନ ଆଦି ବିଭିନ୍ନ ପାଠ୍ୟକ୍ରମରେ
ଲେଖାଇଛନ୍ତି । ସାମ୍ବାଦିକତା ବିଭାଗ
ସର୍ବାଧିକ ୪୬, ଆକାଉଣ୍ଟିଂରେ ୪୦ ଓ ଗ୍ରାମା
ବିକାଶରେ ୩୮ଜଣ ବିଦ୍ୟାର୍ଥୀ ନାମ ଲେଖାଇ
କାର୍ଯ୍ୟକ୍ରମ ଶେଷରେ କାଉନ୍‌ସିଲର କେ.
ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ ।